# ଓଡିଆ (୩୦୫)

## ODIA (305)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

**TUTOR MARKED ASSIGNMENT (TMA), 2019-20**

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ନିଜ ହାତରେ ପଥର ଫଟାଇ ପାହାଡ କାଟି ସମସ୍ତଙ୍କ ମୁହଁରେ ହସ ଫୁଟାଉଥିବା ଶ୍ରମିକର ଲୁହ କାହାରିକୁ ଦେଖାଯାଏ ନାହିଁ - ନିଜ ଅନୁଭବକୁ ପ୍ରକାଶ କର । (ପାଠ- ୧ ଦେଖ)

(ଖ) ଭୂତ କଥା ପଡିଲେ ମନେହୁଏ ଭୂତମାନେ କେବଳ ଗାଁ ଗହଳିରେ ରହିଥାନ୍ତି, ସହରର ଆଲୋକରେ ନୁହେଁ । ନା, ସହରରେ ବି ଭୂତ ଅଛନ୍ତି - ନିଜ ଅନୁଭୂତିରୁ ସୂଚନା ଦିଅ । (ପାଠ- ୪ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସତ୍ୟ, ଧର୍ମ ପାଳନ କଲେ ଦୁର୍ଦ୍ଦିନ ମଧ୍ୟ ମଣିଷର କ୍ଷତି କରିପାରିନଥାଏ । ପୁରାଣ କାହାଣୀ ଆଧାରରେ ଏହାର ସତ୍ୟତା ବିଚାର କର । (ପାଠ- ୧୧ ଦେଖ)

(ଖ) ଦୀର୍ଘାୟୁ ଗୁଣହୀନ ଅପେକ୍ଷା ସ୍ୱଳ୍ପାୟୁ ଗୁଣବାନ ବ୍ୟକ୍ତି ହିଁ ସମାଜର ହିତକାରୀ – ଗଳ୍ପ ଛଳରେ ଆଲୋଚନା କର । (ପାଠ- ୧୪ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଗ୍ରାମ ପଥର ବିଭିନ୍ନ ଦୃଶ୍ୟ ମଧ୍ୟରୁ ବିବାହକାଳୀନ କନ୍ୟା ବିଦାୟ ଦୃଶ୍ୟ ଖୁବ କରୁଣ । ବର୍ଣ୍ଣନା କର ? (ପାଠ- ୧୫ ଦେଖ)

(ଖ) ସର୍ବଦା ଗୁରୁଜନମାନଙ୍କ ଉପଦେଶ ଜୀବନରୁ ନିରାଶାକୁ କାଢି ଦେଇ ଜୀବନରେ ସରସତା ଓ ସଫଳତା ଭରି ଦେଇଥାଏ । ଆକଳନ କର । (ପାଠ- ୮ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ବିଜ୍ଞାନର ଅଗ୍ରଗତି ମାନବ ଜୀବନର ଗତିକୁ ସହଜ ଓ ସରଳ କରି ଦେଇଛି - ଅଭିମତ ପ୍ରକାଶ କର । (ପାଠ- ୬ ଦେଖ)

(ଖ) ବେକାରୀ, ଭିକାରୀ ଓ ଯୌତୁକ ରାକ୍ଷସ ଆମ ପାଇଁ ମହାସମସ୍ୟା ଭାବେ ଉଭା ହୋଇଛି କି ? ନିଜସ୍ୱ ମତ ସାବ୍ୟସ୍ତ କର । (ପାଠ- ୭ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଛାତ୍ରର ସମାଜ ପ୍ରତି ରହିଥିବା କର୍ତ୍ତବ୍ୟ ସଂପର୍କରେ ଯାହା ଭାବୁଛ ଲେଖ । (ପାଠ- ୭ ଦେଖ)

(ଖ) ଭାରତରେ ପାଠପଢା ସହିତ ପରୀକ୍ଷା ଜଡିତ । ଏହା କଣ ଠିକଠାକ୍ ଚାଲିଛି – ମନ୍ତବ୍ୟ ପ୍ରକାଶ କର । (ପାଠ- ୮ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରବନ୍ଧ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରବନ୍ଧ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ବିଶୃଙ୍ଖଳ ଜୀବନଧାରା ପାଇଁ ଏଡସ୍ ରୋଗ ଏକ ମହାମାରୀ ରୂପ ନେଲାଣି । କାରଣ ଓ ନିରାକରଣ ସୂଚାଇ ଏକ ପ୍ରବନ୍ଧ ପ୍ରସ୍ତୁତ କର । (ପାଠ- ୯ ଦେଖ)

(ଖ) ଓଡିଶାର ଅରଣ୍ୟ ଓ ଅରଣ୍ୟ ସଂପଦ ହିଁ ଓଡିଶାର ପରିଚୟ । ଏହାର ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ – ଏହାର ଯଥାର୍ଥତା ସୂଚାଇ ଏକ ପ୍ରବନ୍ଧ ପ୍ରସ୍ତୁତ କର । (ପାଠ- ୧୦ ଦେଖ)